# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**1 April - 2024**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟବ୍ୟାପୀ ପାଳିତ ହେଉଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ

– ଉତ୍କଳ ଦିବସ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

- ଦେଶରେ ସାଢ଼େ ୧୦ ଲକ୍ଷ ମତଦାନ କେନ୍ଦ୍ରରେ ୯୭ କୋଟି ପଞ୍ଜୀକୃତ ଭୋଟର ମତାଧିକାର ସାବ୍ୟସ୍ତ କରିବେ, ଭାରତ ନିର୍ବାଚନ କମିଶନଙ୍କ ସୂଚନା

- ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଖସାପଡ଼ା ଲାଗି ନୀତି ପାଇଁ ସନ୍ଧ୍ୟା ୬ଟାରୁ ୪ ଘଣ୍ଟା ବନ୍ଦ ରହିବ ସାଧାରଣ ଦର୍ଶନ

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲି ୦ାରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ସମ୍ଭାବନା

# ଉତ୍କଳ ଦିବସ-୨୦୨୪

ରାଜ୍ୟରେ ଆଜି ପାଳିତ ହେଉଛି ଉତ୍କଳ ଦିବସ । ୧୯୩୬ ମସିହା ଏପ୍ରିଲ ମାସ ଆଜିର ଦିନରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ କରାଯାଇଥିଲା । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆଜି ଗର୍ବ ଏବଂ ଗୌରବର ଦିନ । ପୃଥିବୀର ୨୦ଟି ସମୃଦ୍ଧ ସଭ୍ୟ ଓ ସୃଜନଶୀଳ ଭାଷା ମଧ୍ୟରୁ ଓଡ଼ିଆ ଭାଷା ଗୋଟିଏ ।  ଓଡ଼ିଆ ଭାଷା ତା'ର କଳା, ସଂସ୍କୃତି, ଐତିହ୍ୟ ଏବଂ ଭାସ୍କର୍ଯ୍ୟରେ ପରିପୂର୍ଣ୍ଣ ଇତିହାସକୁ ନେଇ ବିଶ୍ୱରେ ଖ୍ୟାତିଲାଭ କରିଛି । ପରାଧୀନ ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କଠାରୁ ଆରମ୍ଭ କରି ସ୍ୱଭାବକବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟଙ୍କ ପର୍ଯ୍ୟନ୍ତ ମହାନ୍ ବ୍ୟକ୍ତିତ୍ୱଙ୍କର ଓଡ଼ିଆ ଭାଷା, ସାହିତ୍ୟ ସହିତ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ୧୯୫୪ ମସିହାରେ ଭାଷା ଆଇନ୍ ସଂଶୋଧିତ ହୋଇ ଓଡ଼ିଆ ଭାଷା ସରକାରୀ ଭାଷାର ମାନ୍ୟତା ପାଇଥିଲା ।

ଉତ୍କଳ ଦିବସ ସମାରୋହ ପାଳନ ଅବସରରେ ଓଡ଼ିଶାବାସୀ ତଥା ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଇଭଉଣୀଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ତାର ବିପୁଳ ପ୍ରାକୃତିକ ସମ୍ପଦ ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ସୁପରିଚିତ ବୋଲି ରାଷ୍ଟ୍ରପତି ତାଙ୍କ

ବାର୍ତ୍ତାରେ କହିଛନ୍ତି। ଓଡ଼ିଶାର ଲୋକମାନଙ୍କର ରାଜ୍ୟ ଏବଂ ଦେଶର ବିକାଶରେ ବଡ଼ ଅବଦାନ ରହିଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ  କହିଛନ୍ତି, ରାଷ୍ଟ୍ରର ପ୍ରଗତିରେ ଓଡ଼ିଶାର ଉଲ୍ଲେଖନୀୟ ଯୋଗଦାନ ରହିଛି। ଆଜିର ଦିନ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଏବଂ କର୍ମତତ୍ପର ଜନସାଧାରଣଙ୍କ ବିଷୟରେ ସ୍ମରଣ କରାଇଥାଏ।

ରାଜ୍ୟପାଳ ରଘୁବର ଦାସ ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଏବଂ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ତାର ଗରିମାମୟ ଇତିହାସ ସବୁ କ୍ଷେତ୍ରରେ ଲେଖୁଛି। ପ୍ରତିଟି ଓଡ଼ିଆଙ୍କ ପ୍ରତିବଦ୍ଧତାରେ ଓଡ଼ିଶା ହୋଇଛି ସମୃଦ୍ଧ। ରୂପାନ୍ତରଣର ଏ ଯୁଗ ସହ ତାଳ ଦେଇ ବିକଶିତ ଓଡ଼ିଶା ଗଠନ କରିବା ହେଉଛି ଓଡ଼ିଆଙ୍କର ସଫଳତା।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବାର୍ତ୍ତାରେ ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନକୁ ସୁରକ୍ଷିତ ରଖିବା ସହ ସଂସ୍କୃତିକୁ ଅଧିକରୁ ଅଧିକ ଉନ୍ନତି କରିବା ପାଇଁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ଆଜି ଭୁବନେଶ୍ୱରର ଜୟଦେବ ଭବନଠାରେ ସନ୍ଧ୍ୟାରେ ଆୟୋଜନ ହେବାକୁ ଥିବା ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

***All PTC***

## ଉତ୍କଳ ଦିବସ ଓ ପୁଲିସ ପ୍ରତିଷ୍ଠା ଦିବସ

ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମା ଏବଂ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ପୁଲିସ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି । ପୁଲିସ ଦିବସ ପାଳନ ଅବସରରେ ଜିଲ୍ଲାସ୍ତରରେ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା ।

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରର ଗୋରାକବର ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ସାଧାରଣସଭାର ଆୟୋଜନ କରାଯାଇଥିଲା ।

ଜିଲ୍ଲାପାଳ ଆବୋଲି ସୁନୀଲ ନରୱାଣେ ଏବଂ ଆରକ୍ଷୀ ଅଧୀକ୍ଷକ ସ୍ମିତ ପରମାରଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡ଼ା ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ସମାରୋହରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୁରୋଧାମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ସେହିପରି ପୁଲିସ ପ୍ରତିଷ୍ଠା

ଦିବସ ସମାରୋହରେ ଝାରସୁଗୁଡ଼ା ଦ୍ୱିତୀୟ ସଶସ୍ତ୍ର ବାହିନୀ ପକ୍ଷରୁ ପରେଡ୍‌ର ଆୟୋଜନ କରାଯାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଗଠନର ମହାନ ଜନନାୟକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ସେହିପରି ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଆଡ଼ମ୍ବର ସହକାରେ ଉତ୍କଳ ଦିବସ ପାଳନ କରାଯାଇଛି । ଜିଲ୍ଲାର ଚରମ୍ପା ରିଜର୍ଭ ପୁଲିସ ପଡ଼ିଆରେ ଆରକ୍ଷୀ ଅଧୀକ୍ଷକ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହିତ ଉତ୍ତମ କାର୍ଯ୍ୟ କରିଥିବା ୬ ଜଣ ପୁଲିସ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ ।

ଉତ୍କଳ ଦିବସ ସହିତ ନୂଆପଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ ଆଜିତ ପାଳିତ ହେଉଛି । ୧୯୯୩ ମସିହା ଏପ୍ରିଲ ୧ ତାରିଖ ଦିନ କଳାହାଣ୍ଡି ଜିଲ୍ଲାରୁ ବିଭକ୍ତ ହୋଇ ନୂଆପଡ଼ା ନୂତନ ଜିଲ୍ଲାର ମାନ୍ୟତା ପାଇଥିଲା ।

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଉତ୍କଳ ଦିବସ ପାଳନ ଅବସରରେ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇଁ ମଞ୍ଚାସୀନ ଅତିଥିବୃନ୍ଦ ଆହ୍ୱାନ ଦେଇଥିଲେ ।

ଗଞ୍ଜାମ ଜିଲ୍ଲା ଛତ୍ରପୁର ପୁଲିସ ପଡ଼ିଆରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଉତ୍କଳ ଦିବସ ଏବଂ ପୁଲିସ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପରେଡ୍ ଅଭିବାଦନ

ଗ୍ରହଣ କରିବା ସହିତ ୪ ଜଣ ପୁଲିସ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ । ଏହି ଅବସରରେ ସେବା ମନୋଭାବ ରଖି ପୁଲିସ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେବାକୁ ଆରକ୍ଷୀ ଅଧୀକ୍ଷକ ଆହ୍ୱାନ ଦେଇଥିଲେ ।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଅଧ୍ୟକ୍ଷତାରେ ପୁଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ ୫ ଜଣ ପୁଲିସ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

କୋରାପୁଟ ଜିଲ୍ଲା ସଦର ମହକୁମାରେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡି.ଆଇ.ଜି. ଚରଣ ସିଂ ମୀନା ଯୋଗଦେଇ ଉତ୍କଳ ଦିବସ ଓ ପୁଲିସ ପ୍ରତିଷ୍ଠା ଦିବସର ଅଭିବାଦନ ଗ୍ରହଣ କରିଥିଲେ ।

ମାଲକାନଗିରି, ଢେଙ୍କାନାଳ ଜିଲ୍ଲା ସହିତ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ଉତ୍କଳ ଦିବସ ଏବଂ ପୁଲିସ ପ୍ରତିଷ୍ଠା ଦିବସ ପାଳନ ସମ୍ବାଦ ଆମର ହସ୍ତଗତ ହୋଇଛି ।

## ଦେଶ - ମତଦାନ

ଦେଶରେ ଆସନ୍ତା ସାଧାରଣ ନିର୍ବାଚନ ଲାଗି ପ୍ରାୟ ୯୭କୋଟି ପଞ୍ଜିକୃତ ଭୋଟର ମତଦାନ କରିବେ ବୋଲି ଭାରତୀୟ ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡିଛି । ମତଦାନ ଲାଗି ଦେଶରେ ସାଢ଼େ ୧୦ଲକ୍ଷ ମତଦାନ କେନ୍ଦ୍ର ଏବଂ ଦେଢ଼କୋଟି ପୋଲିଂ ଅଧିକାରୀ ଏବଂ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇଛନ୍ତି । ଭୋଟରତାଲିକାରେ ନିଜର

ନାମ ଯାଞ୍ଚ କରିବା ଏବଂ ନିଜନିଜର ନିର୍ବାଚନମଣ୍ଡଳୀରେ ଭୋଟ୍‌ଗ୍ରହଣ ତାରିଖକୁ ଜାଣିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଆଜି ବିଭିନ୍ନ ସମ୍ବାଦପତ୍ରରେ କ୍ୟୁ-ଆର୍ କୋଡ୍ ସମ୍ବନ୍ଧିତ ବିଜ୍ଞାପନ ପ୍ରକାଶ ପାଇଛି । ଭୋଟରମାନେ ସେମାନଙ୍କର ମତଦାନ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ହେଲ୍ପଲାଇନ୍ ନମ୍ବର ୧୯୫୦କୁ ଡାଏଲ କରିପାରିବେ ।

# ରାଜ୍ୟ - ମତଦାନ

ଭାରତର ନିର୍ବାଚନ ଆୟୋଗଙ୍କ ସୂଚନା ଅନୁସାରେ ଓଡ଼ିଶାରେ ନିର୍ବାଚନ ଲାଗି ୩୦ହଜାର ୬୫୩ଟି ସ୍ଥାନ ନିରୂପଣ କରାଯାଇଛି । ଏହି ସ୍ଥାନ ଗୁଡ଼ିକରେ ୩୭ହଜାର ୮୦୯ ମତଦାନ କେନ୍ଦ୍ର କରାଯାଇଛି । ଓଡ଼ିଶାର ସହର ଅଞ୍ଚଳ ଗୁଡ଼ିକରେ ୪ହଜାର ୩୮୦ ଏବଂ ଗ୍ରାମାଞ୍ଚଳ ଗୁଡ଼ିକରେ ୩୩ହଜାର ୪୨୯ ମତଦାନ କେନ୍ଦ୍ର କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିସହିତ ୧୫ଶହରୁ ଅଧିକ ସ୍ଥାନରେ ସହାୟକ ମତଦାନ କେନ୍ଦ୍ର କରିବା ପାଇଁ ସ୍ଥିର ହୋଇଥିବା ଜଣାପଡିଛି । ଭୋଟରଙ୍କ ସୁବିଧା ପାଇଁ ସମସ୍ତ ମତଦାନ କେନ୍ଦ୍ରରେ ରାମ୍ପ, ପାନୀୟଜଳ, ବିଦ୍ୟୁତ ସଂଯୋଗ, ପୁରୁଷ ଏବଂ ମହିଳାଙ୍କ ପାଇଁ ପୃଥକ୍ ପୃଥକ୍ ଶୌଚାଳୟ ସୁବିଧା ଭଳି ନିଶ୍ଚିତ ହୋଇଥିବା ସର୍ବନିମ୍ନ ସୁବିଧା କରାଇବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ଆୟୁକ୍ତ ନିର୍ଦ୍ଦେଶନାମା ଅନୁସାରେ, ସମସ୍ତ ମତଦାନ କେନ୍ଦ୍ରରେ ଭୋଟର ସହାୟତା ବୁଥ୍ ସ୍ଥାପନ କରାଯିବ । ମତଦାନ ଦିନ ବୁଥ୍ ଗୁଡ଼ିକର ମୋଟ୍ ସଂଖ୍ୟାର ୬୦ ପ୍ରତିଶତ ୱେବକାଷ୍ଟିଂ

କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ମୋଟ୍ ମତଦାନ କେନ୍ଦ୍ରଗୁଡ଼ିକ ମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ମଡେଲ ମତଦାନ କେନ୍ଦ୍ର କରାଯିବ। ଏହି ସବୁ ମଡେଲ ମତଦାନ କେନ୍ଦ୍ରଗୁଡ଼ିକ ଯୁବ, ମହିଳା ଏବଂ ଭିନ୍ନକ୍ଷମଙ୍କ ଦ୍ୱାରା ପରିଚାଳିତ ହେବ। ଭିନ୍ନକ୍ଷମ ଏବଂ ୮୫ ବର୍ଷରୁ ଅଧିକ ବୟସର ନାଗରିକମାନଙ୍କୁ ମତଦାନ କେନ୍ଦ୍ରରେ ପ୍ରବେଶ ପାଇଁ ଅଗ୍ରାଧିକାର ଦିଆଯିବ ବୋଲି ନିର୍ବାଚନ ଆୟୋଗ କାର୍ଯ୍ୟାଳୟରୁ ସୂଚନା ମିଳିଛି ।

## ଶ୍ରୀଜଗନ୍ନାଥ ଖସାପଡା ନୀତି

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆଜି ଖସାପଡା ଲାଗି ନୀତି ଅନୁଷ୍ଠିତ ହେବ। ଚୈତ୍ର କୃଷ୍ଣ ସପ୍ତମୀ ତିଥିରେ ଏହି ନୀତି ପାଳିତ ହୋଇଥାଏ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

***I&PR***

## ଅଙ୍ଗନବାଡ଼ିକେନ୍ଦ୍ର- ସକାଳୁଆ

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର କାର୍ଯ୍ୟ ସମୟ ସକାଳ ୭ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ମାର୍ଗଦର୍ଶିକା ଅନୁସାରେ,

ଗରମକୁ ଦୃଷ୍ଟିରେ ରଖି ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ଶୁଦ୍ଧ ପାନୀୟ ଜଳ ସହିତ ଓ.ଆର୍.ଏସ୍ ପ୍ୟାକେଟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଆଠଗଡ଼ ପଞ୍ଚୁଦୋଳ ଯାତ୍ରା

କଟକ ଜିଲ୍ଲା ଆଠଗଡ଼ର ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ଧାର୍ମିକ ପରମ୍ପରା ଅନୁସାରେ ଗତକାଲି ଶେଷ ହୋଇଛି । ଉତ୍ସବର ଶେଷ ଦିନରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପଞ୍ଚୁ ଦୋଳଯାତ୍ରାରେ ସାମିଲ ହୋଇଥିଲେ ।୦ ପ୍ରଭୁ ଶ୍ରୀରାଧାଗୋବିନ୍ଦଙ୍କ ନିମନ୍ତ୍ରଣକ୍ରମେ ପ୍ରଭୁ ଶ୍ରୀ ଧବଳେଶ୍ୱର ଓ ଶ୍ରୀ ସର୍ପେଶ୍ୱରଙ୍କ ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ମନ୍ଦିରରୁ ବିମାନରୁଢ଼ଙ୍କ ପହଁଞ୍ଚିବାପରେ ଝୁଲଣ ପଡ଼ିଆରେ ଅସ୍ଥାୟୀ ଚାରମାଳାରେ ବିଶ୍ରାମ ନେଇଥିଲେ ।

***HS***

# ପାଣିପାଗ

ରାଜ୍ୟରେ ଆସନ୍ତାକାଲି ଠାରୁ ଦିନ ତାପମାତ୍ରା ସହିତ ରାତି ତାପମାତ୍ରା ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଜଳବାୟୁରେ ଆଦ୍ରତା ୫୦ ପ୍ରତିଶତ ରହିବା କାରଣରୁ ରାତିରେ ମଧ୍ୟ ଅସହ୍ୟ ଗରବ ଓ ଗୁଳଗୁଳି ଅନୁଭୂତ ହେବ । ତାପମାତ୍ରା ବୃଦ୍ଧି ପାଉଥିବାରୁ ପାଣିପାଗ ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ସୂଚନା ଜାରି କରାଯାଇଛି । ଅଂଶୁଘାତ ଓ ଡାଇରିଆର ପ୍ରତିଷେଧକ ବ୍ୟବସ୍ଥା ପାଇଁ ସମସ୍ତ ଡାକ୍ତରଖାନାରେ ଆବଶ୍ୟକୀୟ ସୁବିଧା ଉପଲବ୍ଧ କରିବା ପାଇଁ

କୁହଯାଇଛି। ଅଗ୍ନିଶମ ବିଭାଗ ସହିତ ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

*********************************